On the eve of the dengue awareness month observed from 01.07.2021 to 31.07.2021, the NSS wings of Tulasi Womens College initiated a dengue awareness campaign entitled “Dengue in Odisha” through a webinar wherein Dr. Anita Pattanaik, CDMO, Kendrapara and Dr. M G Beg, ADMO, Kendrapara were present as chief guest and chief speaker respectively. Dr. Pattanaik emphasized upon sources of reduction of dengue virus, where as DR. Beg elaborated on social awareness and community participation in controlling dengue. Prof. Ranjit Ranjan Sahoo , Principal of the college presided over the event.



ତୁଳସୀ ମହିଳା ମହାବିଦ୍ୟାଳୟରେ ଡେଙ୍ଗୁ ସଚେତନତା

ସମାଜ
୧/୮/୨୦୨୧

କେନ୍ଦ୍ରାପଡ଼ା,୩୦।୭ (ନି.ପ୍ର): ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଡେଙ୍ଗୁ ସଚେତନତା ପ୍ରସଙ୍ଗ ଉପରେ ଆଜି ଏକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁ ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡଃ ଅନିତା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଡେଙ୍ଗୁର ଲକ୍ଷଣ ଓ ଏହାର ଭୂତାଣୁର ଉତ୍ସ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ (ଜନସ୍ୱାସ୍ଥ୍ୟ) ଡଃ ଏମ୍.ବି. ବେଗ୍ ଡେଙ୍ଗୁର ବିଭିନ୍ନ ଲକ୍ଷଣ, ଏହି ରୋଗର ପ୍ରକାର ଭେଦ, ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡଃ ମାଧୁରୀ ଚରଣ ନାୟକ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ପ୍ରୋଗ୍ରାମ ଅଧିକାରୀ ଡଃ ପଦ୍ମଜା କବି ଶତପଥୀ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧ୍ୟାପିକା ଜୟଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।